# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**04th May - 2026**

***********************************

*Desk*

## ଭୋଟ୍ ଗଣନା

ପଶ୍ଚିମବଙ୍ଗ, କେରଳମ୍, ତାମିଲନାଡୁ, ଆସାମ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରେ ଅନୁଷ୍ଠିତ ବିଧାନସଭା ନିର୍ବାଚନର ଆଜି ଭୋଟଗଣତି କରାଯିବ । ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ସକାଳ ୮ଟାରେ ଗଣତି ଆରମ୍ଭ ହେବ । ପ୍ରଥମେ ପୋଷ୍ଟାଲ୍ ବାଲାଟ୍‌ଗୁଡ଼ିକର ଗଣତି କରାଯିବ ଏବଂ ଏହା ପରେ ଇ.ଭି.ଏମ୍. ଭୋଟ୍ ଗଣତିପାଇଁ ବ୍ୟବସ୍ଥା ହୋଇଛି । ଅପରାହ୍ଣ ସୁଦ୍ଧା ଫଳାଫଳ ସମ୍ପର୍କରେ ସ୍ପଷ୍ଟଚିତ୍ର ମିଳିବାର ସମ୍ଭାବନା ରହିଛି ।

*Desk*

## ସୁଭଦ୍ରା ଯୋଜନା

ରାଜ୍ୟରେ ସୁଭଦ୍ରା ଯୋଜନାର ହିତାଧିକାରୀମାନଙ୍କୁ ଆଜି ସହାୟତା ରାଶି ପ୍ରଦାନ କରାଯିବ। ଭୁବନେଶ୍ୱର ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସୁଭଦ୍ରା ଯୋଜନା ଅଧୀନରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ କିସ୍ତି ପାଇବାରୁ ବଞ୍ଚିତ

ହିତାଧିକାରୀଙ୍କୁ ସହାୟତାରାଶି ପ୍ରଦାନ କରିବେ। ୧ଲକ୍ଷ ୨୩ ହଜାର ୮୪୯ଜଣ ହିତାଧିକାରୀଙ୍କୁ ଏହି ପର୍ଯ୍ୟାୟରେ ସହାୟତା ରାଶି ଦିଆଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

***Desk***

# ଅଗ୍ନି ନିରାପତ୍ତା ସପ୍ତାହ

ଦେଶର ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନଗୁଡ଼ିକରେ ଅଗ୍ନି ନିରାପତ୍ତା ନେଇ ସଚେତନତା ବୃଦ୍ଧି କରିବା ଲକ୍ଷ୍ୟରେ ଆଜିଠାରୁ ସର୍ବଭାରତୀୟ ଅଗ୍ନି ନିରାପତ୍ତା ସପ୍ତାହ ପାଳନ କରାଯାଉଛି । ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଆନୁକୂଲ୍ୟରେ ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ, କେନ୍ଦ୍ରୀୟ ମନ୍ତ୍ରଣାଳୟ ଏବଂ ବିଭାଗ ମିଳିତ ଭାବେ ଏହି ସପ୍ତାହ ପାଳନ କରୁଛନ୍ତି । ସପ୍ତାହ ପାଳନ ଅବସରରେ ଦେଶବ୍ୟାପୀ ବ୍ୟାପକ ସଚେତନତା ଅଭିଯାନ, ମକ୍‌ଡ୍ରିଲ, ଦକ୍ଷତା ବିକାଶ ପଦକ୍ଷେପ ଏବଂ ଅଗ୍ନି ନିରାପତ୍ତା ମାର୍ଗଦର୍ଶିକାର ଅନୁପାଳନ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

***Desk***

# ବାଚସ୍ପତି ସମ୍ମିଳନୀ

ବିଧାନସଭା କମିଟି ସମ୍ପର୍କିତ ଦ୍ୱିତୀୟ ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀ ଜୟପୁରଠାରେ ଆସନ୍ତାକାଲି ଆରମ୍ଭ ହେବ । ରାଜସ୍ଥାନ ବିଧାନସଭାଦ୍ୱାରା

ଆୟୋଜିତ ଏହି ସମ୍ମିଳନୀରେ ଓଡ଼ିଶା, ପଶ୍ଚିମବଙ୍ଗ, ଉତ୍ତର ପ୍ରଦେଶ, ହିମାଚଳ ପ୍ରଦେଶ ଓ ସିକ୍କିମ ବିଧାନସଭାର ବାଚସ୍ପତି ଯୋଗ ଦେଉଛନ୍ତି । ଓଡ଼ିଶା ବାଚସ୍ପତି ସୁରମା ପାଢ଼ୀ ଏଥିରେ ଯୋଗଦେବାପାଇଁ ଜୟପୁର ଗସ୍ତ କରିଛନ୍ତି । ବିଧାନସଭା କମିଟି ବ୍ୟବସ୍ଥା ଏବଂ ଆଗାମୀ ଦିନରେ ଏହାକୁ ଅଧିକ ପ୍ରଭାବଶାଳୀ କରିବା ଲକ୍ଷ୍ୟରେ ସମ୍ମିଳନୀରେ ବିସ୍ତୃତ ଆଲୋଚନା ହେବାର ସମ୍ଭାବନା ରହିଛି ।

***Desk***

# ଜଳପଥ - ଯାତ୍ରୀ ପରିବହନ

ରାଜ୍ୟରେ ଆଭ୍ୟନ୍ତରୀଣ ଜଳପଥଗୁଡ଼ିକରେ ଯାତ୍ରୀ ପରିବହନ ସୁରକ୍ଷାକୁ ଅଧିକ କଡ଼ାକଡ଼ି କରିବା ଏବଂ ଓଭରଲୋଡ଼ିଂ ଓ ନିୟମ ଉଲ୍ଲଙ୍ଘନ କ୍ଷେତ୍ରରେ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରିବାକୁ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଯାତ୍ରୀ ପରିବହନ ସମୟରେ ଆନୁଷଙ୍ଗିକ ସୁରକ୍ଷା ବ୍ୟବସ୍ଥା ଅନୁପାଳନ ନେଇ ଅଚାନକ ଯାଞ୍ଚ୍ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

*Desk*

# ମୁଖ୍ୟମନ୍ତ୍ରୀ - ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆଜି ବନ୍ଦ ରହିବ। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।

***Kendrapara/R***

# ଚୈତ୍ର ମହୋତ୍ସବ

କେନ୍ଦ୍ରାପଡ଼ା ରଥଦାଣ୍ଡଠାରେ ଚାଲିଥିବା ଦୁଇଦିନିଆ ଜିଲ୍ଲାସ୍ତରୀୟ ଚୈତ୍ର ମହୋତ୍ସବ ଗତକାଲି ଉଦ୍‌ଯାପିତ ହୋଇଛି । ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ସାଂସଦ ବିଭୁପ୍ରସାଦ ତରାଇ ମହୋତ୍ସବର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଶେଷରେ ଏକ ସମ୍ବର୍ଦ୍ଧନା ସମାରୋହ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

***Desk***

# ରାଷ୍ଟ୍ରୀୟ ଲୋକ ଅଦାଲତ

ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ୯ ତାରିଖ ଶନିବାର ଦିନ ଅନୁଷ୍ଠିତ ହେବ । ହାଇକୋର୍ଟ ସମେତ ପ୍ରତ୍ୟେକ ଜିଲ୍ଲା ଓ ତାଲୁକସ୍ତରୀୟ ଅଦାଲତଗୁଡ଼ିକରେ ବିଚାରାଧୀନ ଥିବା ମାମଲାଗୁଡ଼ିକର ଆପୋଷ ଆଲୋଚନା ମାଧ୍ୟମରେ ସମାଧାନକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ଏହି ଅଦାଲତ ଅନୁଷ୍ଠିତ ହେବ ।

***Ganjam/R***

# ରାମାୟରଣାମ୍ମା ଯାତ୍ରା

ଗଞ୍ଜାମ ଜିଲ୍ଲା ଛତ୍ରପୁର ସହରର ଅଧିଷ୍ଠାତ୍ରୀ ଦେବୀ ମା' ରାମାୟାଣାମ୍ମାଙ୍କ ଦ୍ୱିବାର୍ଷିକ ଯାତ୍ରା ଆଜିଠାରୁ ଆରମ୍ଭ ହେଉଛି । ଆସନ୍ତାମାସ ୫ ତାରିଖ ପର୍ଯ୍ୟନ୍ତ ୩୩ ଦିନ ଧରି ଏହି ଯାତ୍ରା ଚାଲିବ ।

***Desk***

# ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍

କଳିଙ୍ଗ ଷ୍ଟାଡିୟମ୍‌ଠାରେ ଚାଲିଥିବା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ ଜାତୀୟ ପ୍ରତିଯୋଗିତାର ମହିଳା ବର୍ଗ କ୍ରୀଡ଼ା ଗତକାଲି ଉଦ୍‌ଯାପିତ ହୋଇଯାଇଛି ।

କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଯ ଏଥିରେ ଯୋଗଦେଇ ରାଜ୍ୟର ଅତ୍ୟାଧୁନିକ ପ୍ରଶିକ୍ଷଣ କେନ୍ଦ୍ରକୁ ସମଗ୍ର ଦେଶପାଇଁ ଅଲିମ୍ପିକ୍ସ ତାଲିମ କେନ୍ଦ୍ର ଭାବେ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଛନ୍ତି । ୨୦୩୬ ଅଲିମ୍ପିକ୍ସ ପ୍ରତିଯୋଗିତା ଭାରତରେ ଆୟୋଜନ ହେବା ନେଇ ସେ ଦୃଢ଼ ଆଶାବ୍ୟକ୍ତ କରିଛନ୍ତି । ଉଭୟ କନିଷ୍ଠ ଏବଂ ବରିଷ୍ଠ ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି ।

***Desk***

# ପୋଲ୍‌ଭଲ୍‌ଟ ପ୍ରତିଯୋଗିତା

ଭାରତୀୟ କ୍ରୀଡ଼ା ସଂଘ ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ଇଣ୍ଡିଆନ୍ ଇଣ୍ଡୋର ଓପନ୍ କମ୍ବାଇଣ୍ଡ ଇଭେଣ୍ଟ ଆଣ୍ଡ ପୋଲ୍‌ଭଲ୍‌ଟ ପ୍ରତିଯୋଗିତାରେ ଗତକାଲି ଓଡ଼ିଶାର ପୂର୍ଣ୍ଣିମା ହେମ୍ବ୍ରମ୍ ମହିଳା ପେଣ୍ଟାଥଲମ୍‌ରେ ସ୍ୱର୍ଣ୍ଣପଦକ ପାଇଛନ୍ତି । ତାମିଲ୍‌ନାଡୁର ବାରାନିକା' ପୋଲ୍‌ଭଲ୍‌ଟ୍‌ରେ ୪ ଦଶମିକ ୨/୩ ମିଟର ଅତିକ୍ରମ କରି ନୂତନ ଜାତୀୟ କୀର୍ତ୍ତିମାନ ସ୍ଥାପନ କରିଛନ୍ତି ।

***Desk***

# ପାଣିପାଗ

ରାଜ୍ୟରେ କାଳବୈଶାଖୀ ଜନିତ ବର୍ଷା ପ୍ରଭାବରେ ତାପମାତ୍ରା ହ୍ରାସ ପାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନୁସାରେ

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଆସନ୍ତା ୪ ଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବାର ସମ୍ଭାବନା ରହିଛି । ଅପରପକ୍ଷରେ ଗତକାଲି ୪ଟି ସ୍ଥାନର ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ଉପରେ ରେକର୍ଡ଼ ହୋଇଛି ।

*****